# NATIONAL NEWS BULLETIN (ODIA)

## 15 July - 2025

## Morning Bulletin : 7.15 A.M.

***********************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ସମାବର୍ତ୍ତନ ସମାରୋହରେ ଯୋଗଦେବେ ରାଷ୍ଟ୍ରପତି
- ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ୧୮ ଦିନ ବିତାଇବା ପରେ ଆଜି ପୃଥିବୀକୁ ଫେରିବେ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା
- ରୁଷ୍‌ରୁ ତୈଳ, ଗ୍ୟାସ ଓ ୟୁରାନିୟମ ଆମଦାନୀ କରୁଥିବା ଦେଶଗୁଡ଼ିକ ଉପରେ ଅତିରିକ୍ତ ଶୁଳ୍କ ଲାଗୁ କରିବାକୁ ଆମେରିକା ରାଷ୍ଟ୍ରପତିଙ୍କ ଚେତାବନୀ

ଏବଂ

- ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଭାରତକୁ ୨୨ ରନ୍‌ରେ ପରାସ୍ତ କଲା ଇଂଲଣ୍ଡ

# ପ୍ରେଜ୍-ଓଡ଼ିଶା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ସମାବର୍ତ୍ତନ ସମାରୋହରେ ଯୋଗଦେବେ। ପରେ କଟକ ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟର ତିନୋଟି କୋଠାର ପୁନଃବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଆଜି ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ' ଆଦିକବି ସାରଳା ଦାସଙ୍କ ଜନ୍ମବାର୍ଷିକୀ ସମାରୋହରେ ଯୋଗଦେଇ ୨୦୨୪ ପାଇଁ କଳିଙ୍ଗ ରତ୍ନ ପୁରସ୍କାର ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ଆଜି ସନ୍ଧ୍ୟାରେ ଓଡ଼ିଶା ଗସ୍ତ ଶେଷ କରି ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।

ଗତ ସନ୍ଧ୍ୟାରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମ୍ସ'ର ପଞ୍ଚମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରିଥିଲେ। ରାଷ୍ଟ୍ରପତି କହିଥିଲେ, ଦେଶରେ ବିଜ୍ଞାନ କ୍ଷେତ୍ରରେ ହେଉଥିବା ନୂତନ ଅଗ୍ରଗତି ଯୋଗୁଁ ଅନେକଗୁଡ଼ିଏ ରୋଗର ଚିକିତ୍ସା ସୁବିଧା ସମ୍ଭବ ହୋଇପାରିଛି। ଏହି ଅବସରରେ ରାଷ୍ଟ୍ରପତି ୬୪୩ ଜଣ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀଙ୍କୁ ଡିଗ୍ରୀ ପ୍ରଦାନ ସହ ୩୧ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ରାଷ୍ଟ୍ରପତି କହିଥିଲେ...

**V/O- President**

# ଆକ୍ସିଓମ-୪

ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ଏବଂ ଆକ୍ସିଓମ-୪ ମିଶନର ତିନିଜଣ କ୍ରୁ ସଦସ୍ୟ ଆନ୍ତର୍ଜାତିକ ମହାକାଶକେନ୍ଦ୍ରରେ ୧୮ ଦିନ ବିତାଇବା ପରେ ଆଜି ପୃଥିବୀକୁ ଫେରିବେ। ଗତକାଲି ମହାକାଶ କେନ୍ଦ୍ରରୁ ଅଲଗା ହେବା ପରେ ସ୍ପେଶ୍ ଏକ୍ସ ଡ୍ରାଗନ୍ ୨୨ ଘଣ୍ଟାର ଯାତ୍ରା ଆରମ୍ଭ କରିଛି। ଆଜି ଅପରାହ୍ନ ୩ଟାରେ ଆମେରିକାର କାଲିଫର୍ଣ୍ଣିଆ ଉପକୂଳରେ ଡ୍ରାଗନ୍ କ୍ୟାପସୁଲ ଅବତରଣ କରିବା ଆଶା କରାଯାଉଛି।

ଆକ୍ସିଓମ୍-୪ ମିଶନର ମହାକାଶଯାତ୍ରା ଗତ ଜୁନ୍ ୨୫ ତାରିଖରେ ଆରମ୍ଭ ହୋଇଥିଲା। ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା ମହାକାଶକୁ ଯାଇଥିବା ଦ୍ୱିତୀୟ ଭାରତୀୟ ହୋଇଥିବା ବେଳେ ୧୯୮୪ ମସିହାରେ ମହାକାଶଚାରୀ ରାକେଶ ଶର୍ମା ଏହି ସୁଯୋଗ ପାଇଥିଲେ। ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଶ୍ରୀ ଶୁକ୍ଲା ମହାକାଶ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ଭାରତ ସମ୍ପର୍କିତ ୭ଟି ମାଇକ୍ରୋଗ୍ରାଭିଟି ପରୀକ୍ଷଣ କରିଥିଲେ। ଏହି ପରୀକ୍ଷଣ ଗୁଡ଼ିକ ଭବିଷ୍ୟତର ମହାକାଶ ଅଭିଯାନ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଅନୁଷ୍ଠିତ ବିଦାୟୀ ଉତ୍ସବରେ ଶୁଭାଂଶୁ କହିଥିଲେ, ଭାରତ ମହତ୍ତ୍ୱାକାଂକ୍ଷା ଏବଂ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ। ସେ କହିଥିଲେ, ଭାରତ ଏବେବି ମହାକାଶରୁ 'ସାରେ ଜାହାଁସେ ଅଚ୍ଛା' ଦେଖାଯାଉଛି।

# ଇଣ୍ଡିଆ କ୍ଲିନ୍ ଏନର୍ଜି

ଭାରତ ନିର୍ଦ୍ଧାରିତ ଲକ୍ଷ୍ୟଠାରୁ ପାଞ୍ଚ ବର୍ଷ ପୂର୍ବରୁ ଅଣଜୀବାସ୍ମ ଇନ୍ଧନ ଉତ୍ସରୁ ସ୍ଥାପିତ ବିଦ୍ୟୁତ କ୍ଷମତାର ୫୦ ପ୍ରତିଶତ ହାସଲ କରିଛି। ଏହା ଫଳରେ ଭାରତ ଶକ୍ତି ପରିବର୍ତ୍ତନ କ୍ଷେତ୍ରରେ ଏକ ଐତିହାସିକ ସଫଳତା ଲାଭ କରିଛି। କେନ୍ଦ୍ର ନୂତନ ଏବଂ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଛନ୍ତି, ଜଳବାୟୁ ସମସ୍ୟାର ସମାଧାନ ଖୋଜୁଥିବା ଦେଶଗୁଡ଼ିକୁ ଭାରତ ରାସ୍ତା ଦେଖାଉଛି। ସେ କହିଛନ୍ତି, ୨୦୩୦ ଲକ୍ଷ୍ୟ ଠାରୁ ପାଞ୍ଚ ବର୍ଷ ପୂର୍ବରୁ ୫୦ ପ୍ରତିଶତ ଅଣଜୀବାସ୍ମ ଇନ୍ଧନ କ୍ଷମତା ହାସଲ କରିବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ମୁହୂର୍ତ୍ତ। ଶ୍ରୀ ଯୋଶୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ସବୁଜ ପରିବର୍ତ୍ତନ କ୍ଷେତ୍ରରେ ଅଗ୍ରଗତି ଜାରି ରହିଛି ଏବଂ ଏକ ଆତ୍ମନିର୍ଭରଶୀଳ ଓ ସ୍ଥାୟୀ ଭବିଷ୍ୟତ ପାଇଁ ପଥ ପ୍ରଶସ୍ତ କରୁଛି।

ପ୍ରଧାନମନ୍ତ୍ରୀଙ୍କ ପି.ଏମ୍. କୁଶୁମ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା, ସୌରପାର୍କ ବିକାଶ ଏବଂ ଜାତୀୟ ବାୟୁ ସୌର ହାଇବ୍ରିଡ୍ ନୀତି ଭଳି ପ୍ରମୁଖ କାର୍ଯ୍ୟକ୍ରମ ଏହି ପରିବର୍ତ୍ତନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଶ୍ୱସ୍ତରରେ ମୁଣ୍ଡପିଛା ଅଙ୍ଗାରକ ନିର୍ଗମନ ହାର କମ୍ ହେବା ସତ୍ତ୍ୱେ ଭାରତ ଏହି ଲକ୍ଷ୍ୟ ପୂରଣ କରିପାରି ନଥିବା ଦେଶମାନଙ୍କ ସହ ରହିଛି।

# ୟୁଏସ୍- ରୁଷ୍ ଟାରିଫ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ୍‌ରୁ ତେଲ, ଗ୍ୟାସ ଏବଂ ୟୁରାନିୟମ ଆମଦାନୀ କରୁଥିବା ଦେଶଗୁଡ଼ିକ ଉପରେ ପୁଣି ୧୦୦ ପ୍ରତିଶତ ଶୁଳ୍କ ଲାଗୁ କରିବାକୁ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି, ୟୁକ୍ରେନ୍ ସହିତ ଯୁଦ୍ଧ ଶେଷ କରିବା ନେଇ ମସ୍କୋର ବିରୋଧାଭାସରେ ସେ ଅସନ୍ତୁଷ୍ଟ । ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ଶ୍ରୀ ଟ୍ରମ୍ପ କହିଛନ୍ତି, ଯଦି ରୁଷ୍' ୟୁକ୍ରେନ୍ ସହିତ ଶାନ୍ତିଚୁକ୍ତି ନ କରେ ତେବେ ଏହି ଅତିରିକ୍ତ ଶୁଳ୍କ ଲାଗୁ କରାଯିବ । ଏଥିଲାଗି ସେ ୫୦ ଦିନର ସମୟସୀମା ଦେଇଛନ୍ତି ।

# ଓଡ଼ିଶା ଷ୍ଟୁଡେଣ୍ଟ ଡେଥ୍

ଓଡ଼ିଶାରେ ଜଣେ ଯୌନ ନିର୍ଯାତନା ଅଭିଯୋଗ ଆଣି ଆତ୍ମହତ୍ୟା ଉଦ୍ୟମ କରିଥିବା ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କର ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ସମ୍ପୃକ୍ତ କଲେଜର ଜଣେ ଅଧ୍ୟାପକଙ୍କ ଦ୍ୱାରା ସେ ଯୌନ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା । ଛାତ୍ରୀ ଜଣଙ୍କ ୯୫ ପ୍ରତିଶତ ପୋଡ଼ି ଯାଇଥିଲେ । ଓଡ଼ିଶା ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱର ଏମ୍ସରେ ଛାତ୍ରୀଙ୍କ ପିତାମାତାଙ୍କୁ ଭେଟି ଗଭୀର ଚିନ୍ତା ପ୍ରକାଶ କରିଥିଲେ । ସେ ମଧ୍ୟ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କଠାରୁ ତାଙ୍କ ଅବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ପୁଲିସ ସେହି କଲେଜର ଜଣେ ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ଗିରଫ

କରିସାରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଛାତ୍ରୀଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଇନ୍‌କମ୍ ଟାକ୍ସ ଭେରିଫିକେସନ୍

ଆୟକର ବିଭାଗ ଦେଶର ବିଭିନ୍ନ ସ୍ଥାନରେ ବଡ଼ ଧରଣର ଯାଞ୍ଚ୍ ଅଭିଯାନ ଆରମ୍ଭ କରିଛି । ଆୟକର ରିଟର୍ଣ୍ଣରେ ଅଧିକ  ଛାଡ଼ ପାଇଁ ଦାବି କରୁଥିବା ବ୍ୟକ୍ତି ଏବଂ ସଂସ୍ଥା ଗୁଡ଼ିକ ବିରୋଧରେ ଏହି ଯାଞ୍ଚ୍ ଅଭିଯାନ ଆରମ୍ଭ କରାଯାଇଛି । ସୂଚନା ଅନୁଯାୟୀ ରିଟର୍ଣ୍ଣ ପ୍ରସ୍ତୁତ କରୁଥିବା ବ୍ୟକ୍ତି ଏବଂ ମଧ୍ୟସ୍ଥିଙ୍କ ଦ୍ୱାରା କେତେ ଗୁଡ଼ିଏ ସଂଗଠନ ପରିଚାଳିତ ହେଉଥିବା ଜଣାପଡ଼ିଛି, ଯେଉଁମାନେ ମିଥ୍ୟା ପ୍ରମାଣ ଦର୍ଶାଇ ଅଧିକ କର ଛାଡ଼ ଦାବି କରୁଛନ୍ତି । ବିଭାଗ ପକ୍ଷରୁ କୁହାଯାଇଛି, ଏଭଳି ଜାଲିଆତି ରିଟର୍ଣ୍ଣରେ ମିଥ୍ୟା ତଥ୍ୟ ଦିଆଯାଇଥିବା ଜଣାପଡ଼ିଛି ।

ସନ୍ଦେହଜନକ ପ୍ୟାନ୍ ଗୁଡ଼ିକୁ ଚିହ୍ନଟ କରିବା ପାଇଁ ଆୟକର ବିଭାଗ ପକ୍ଷରୁ ତୃତୀୟ ପକ୍ଷର ସହାୟତା ଓ ଆବଶ୍ୟକ ସ୍ଥଳେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ କରି ଏହି ତଥ୍ୟ ଜାଣିପାରିଛି । ବିଶେଷ କରି ମହାରାଷ୍ଟ୍ର, ତାମିଲନାଡୁ, ଦିଲ୍ଲୀ, ଗୁଜରାଟ, ପଞ୍ଜାବ ଏବଂ ମଧ୍ୟପ୍ରଦେଶରେ ବିଭାଗ ଦ୍ୱାରା କରାଯାଇଥିବା ଅନୁସନ୍ଧାନରେ ଏହିଭଳି ପ୍ରମାଣ ମିଳିଛି ।

ବିଭାଗ ପକ୍ଷରୁ କୁହାଯାଇଛି, କିଛି ବର୍ଷ ହେବ ଏସ୍.ଏମ୍.ଏସ୍. ଏବଂ ଇ-ମେଲ୍ ଜରିଆରେ କରଦାତାମାନଙ୍କୁ ସଠିକ୍ ତଥ୍ୟ ଦର୍ଶାଇ ରିଟର୍ଣ୍ଣ ଦାଖଲ କରିବାକୁ ସୂଚନା ଦିଆଯାଇଛି ।

ଗତ ୪ ମାସରେ ପ୍ରାୟ ୪୦ ହଜାର କରଦାତା ସେମାନଙ୍କ ରିଟର୍ଣ୍ଣ ଅପ୍‌ଡେଟ୍ କରିଛନ୍ତି, ଯାହା ଫଳରେ ୧ ହଜାର କୋଟିରୁ ଅଧିକ ମୂଲ୍ୟର ରିଟର୍ଣ୍ଣ ଦାବି ବାତିଲ ହୋଇଛି । ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୧୫୦ଟି ସ୍ଥାନରେ ଚାଲିଥିବା ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆୟକର ବିଭାଗ ପକ୍ଷରୁ ପୁଣିଥରେ ଆୟର ସଠିକ୍ ବିବରଣୀ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି ।

## ସ୍ପୋର୍ଟସ ରାଉଣ୍ଡ ଅପ୍

କ୍ରୀଡ଼ା କ୍ଷେତ୍ରରେ ବିଶ୍ୱସ୍ତରରେ ଭାରତୀୟ କ୍ରୀଡ଼ାବିତମାନେ ବିଜୟ ଲକ୍ଷ୍ୟ ଆଶାରେ ଉନ୍ନତ ପ୍ରଦର୍ଶନ କରୁଛନ୍ତି। କ୍ରିକେଟ, ଫୁଟବଲ, ଚେସ୍ ଏବଂ ବ୍ୟାଡମିଣ୍ଟନରେ ଭାରତୀୟ ଖେଳାଳିମାନଙ୍କ ପ୍ରଚେଷ୍ଟା ଜାରି ରହିଛି। ଏ ସମ୍ପର୍କରେ ଏକ ରିପୋର୍ଟ...

ଲର୍ଡସରେ ଅନୁଷ୍ଠିତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚ୍‌ର ଇଂଲଣ୍ଡ' ୨୨ ରନ୍‌ରେ ଭାରତକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ର ଦ୍ୱିତୀୟ ଇନିଂସରେ ୧୯୩ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୧୭୦ ରନ୍‌ରେ ସମସ୍ତ ୱିକେଟ୍ ହରାଇଥିଲା। ରବିନ୍ଦ୍ର ଜାଡେଜା ୬୧ ରନ୍ କରି ଅପରାଜିତ ରହିଥିଲେ। ଇଂଲଣ୍ଡର ଜୋଫ୍ରା ଆର୍ଚର ଏବଂ ବେନ୍ ଷ୍ଟୋକ୍ସ ୩ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

ପୂର୍ବରୁ ଘରୋଇ ଇଂଲଣ୍ଡ ଦଳ ଦ୍ୱିତୀୟ ଇନିଂସରେ ୧୯୨ ରନ୍‌ରେ ସମସ୍ତ ୱିକେଟ୍ ହରାଇଥିଲା । ପ୍ରଥମ ଇନିଂସରେ ଭାରତ ଏବଂ ଇଂଲଣ୍ଡ ଉଭୟ ୩୮୭ ଲେଖାଏଁ ରନ୍ କରିଥିଲେ । ଏହି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨-୧ ଆଗରେ ରହିଛି ।

ତାସକେଣ୍ଟଠାରେ ଗତକାଲି ରାତିରେ ଅନୁଷ୍ଠିତ ଭାରତର ୨୦ ବର୍ଷରୁ କମ୍ ମହିଳା ଦଳ ଓ ଉଜବେକିସ୍ତାନ ମଧ୍ୟରେ ଅନୁଷ୍ଠିତ ଆର୍ନ୍ତଜାତିକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି । ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ୍ କରିବାକୁ ସମର୍ଥ ହୋଇଥିଲେ । ଉଜ୍‌ବେକିସ୍ତାନ ଖେଳର ୩୮ତମ ମିନିଟ୍‌ରେ ଗୋଲ୍ କରିଥିବା ବେଳେ ଭାରତ ଅଣାଅସୀ ତମ ମିନିଟ୍‌ରେ ଗୋଲ କରିଥିଲା ।

ଆସନ୍ତା ମାସ ହେବାକୁ ଥିବା ଏ.ଏଫ୍.ସି. ୨୦ ବର୍ଷରୁ କମ୍ ମହିଳା ଏସୀୟ କପ୍ ଯୋଗ୍ୟତା ହାସଲ ପାଇଁ ଆସନ୍ତାକାଲି ଭାରତ ଏବଂ ଉଜବେକିସ୍ତାନ ମଧ୍ୟରେ ଆଉ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ । ଏହି ଯୋଗ୍ୟତା ପର୍ଯ୍ୟାୟରେ ଆସନ୍ତା ଅଗଷ୍ଟ ୬ ତାରିଖରେ ଇଣ୍ଡୋନେସିଆ, ୮ ତାରିଖରେ ତୁର୍କମେନିସ୍ତାନ ଏବଂ ୧୦ ତାରିଖରେ ମିଆଁମାର ସହିତ ଭାରତ ମୁକାବିଲା କରିବ ।

ବ୍ୟାଡମିଣ୍ଟନରେ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଏବଂ ଚିରାଗ ସେଟ୍ଟୀ ଆଜିଠାରୁ ଆରମ୍ଭ ହୋଇଥିବା ଜାପାନ୍ ଓପନ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାରତର ନେତୃତ୍ୱ ନେଉଛନ୍ତି ।

ଚେସ୍‌ରେ ଭାରତର ଚାରି ଜଣ ମହିଳା ବୈଶାଳୀ, ହାରିକା, ହମ୍ପି ଏବଂ ଦିବ୍ୟା ଫିଡେ ମହିଳା ବିଶ୍ୱକପ୍‌ର ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମଳୟ ରଞ୍ଜନ ମିଶ୍ର